### କାଳବୈଶାଖୀର ତାଣ୍ଡବ; ପ୍ରବଳ ଘଡ଼ଘଡ଼ି ଯୋଗୁଁ ଲୋକେ ଆତଙ୍କିତ

# ଭୂଇଁରେ ଲୋଟିଲା ପାଚିଲା ଧାନ ଫସଲ



**କଣାସ, ୫।୪(ସମିସ)**

ରାଜ୍ୟରେ କିଛିଦିନ ହେଲା ବିଭିନ୍ନ ଜିଲ୍ଲାରେ କାଳବୈଶାଖୀ ତାଣ୍ଡବ ଲୀଳା ସୃଷ୍ଟି କରି ବହୁ କ୍ଷୟକ୍ଷତି ହେଉଛି। ରବିବାର ଅପରାହ୍ଣରେ କଣାସ ଅଞ୍ଚଳରେ କାଳବୈଶାଖୀ ତାଣ୍ଡବ ଯୋଗୁଁ ଚାଷୀମାନେ ରବି ଋତୁରେ କରିଥିବା ଧାନ ଫସଲ ପାଚିଲା ଅବସ୍ଥାରେ ପ୍ରବଳ ପବନ ହେତୁ ଜମିରେ ଶୋଇପଡ଼ିବା ସହ ବର୍ଷା ହେବାରୁ ମାଟିରେ ମିଶିଯାଇଛି। ଅନେକ ସ୍ଥାନରେ ଗଛ ଡାଳ ଭାଙ୍ଗି ପଡ଼ିଥିବାବେଳେ ଚାଳ ଛପର ଉଡ଼ିଯାଇଛି। କେତେକ ସ୍ଥାନରେ ବିଦ୍ୟୁତ୍ ତାର ଛିଣ୍ଡି

**ବିଦ୍ୟୁତ୍ ତାର ଛିଣ୍ଡି ଅନେକ ଅଞ୍ଚଳ ଅନ୍ଧାର**

ପଡ଼ିଥିବାରୁ କଣାସ ଅଞ୍ଚଳ ଅନ୍ଧାରରେ ରହିଛି। ବିଶେଷ କରି ଚିଲିକା ଉପକୂଳ ଗଡ଼ିଶାଗୋଦା, ଯାମଳଗୋଦା, ଆଳିବାଡ଼, ଖଣ୍ଡହତା, ବିନ୍ଧଣ, ଅଣ୍ଡାଳସିଂହ, ଗଡ଼ସାହି, ଦୁପୁରିଙ୍ଗି, କାଦୁଆ, ଗୋପୀନାଥପୁର, ବଡାଳ, ଗଡ଼ଖାରଦ, ଦେଇପୁର, ସାହୁପଡ଼ା, ବକୁ, ଦୋଛିଆଁ, ଦିବ୍ୟସିଂହପୁର ପଞ୍ଚାୟତର ଚାଷ ଜମିରେ ଧାନ ପାଚି ଯାଇଥିବାରୁ ଭୂଇଁରେ ଲୋଟି ବ୍ୟାପକ ଭାବେ କ୍ଷତିଗ୍ରସ୍ତ ହୋଇଛି। ପ୍ରବଳ ପବନ ଯୋଗୁଁ ଗଛରୁ ଆମ୍ବ ପ୍ରାୟ ଝଡ଼ି ମଧ୍ୟ କ୍ଷତିଗ୍ରସ୍ତ ହୋଇଛି। କେତେକ ସ୍ଥାନରେ କୁଆପଥର ବୃଷ୍ଟି ହୋଇଛି।

## ଜଳିଗଲା ନଡ଼ିଆ ଗଛ; ଫାଟିଗଲା ଘରର କାନ୍ଥ

**ନିମାପଡ଼ା, ୫।୪(ସମିସ):** ନିମାପଡ଼ା ଅଞ୍ଚଳରେ କାଳବୈଶାଖୀ ପ୍ରଭାବରେ ବ୍ରଜପାତ ଘଟି ନଡ଼ିଆ ଗଛ ଜଳିଯିବାରୁ ଲୋକମାନେ ଆତଙ୍କିତ ହୋଇପଡ଼ିଛନ୍ତି। ତୁହାକୁ ତୁହା ବର୍ଷା ଜନଜୀବନ ଉପରେ ପ୍ରଭାବ ପକାଇଛି। ତା' ସାଙ୍ଗକୁ ପବନର ବେଗ ଅଧିକ ଥିବାରୁ ଲୋକମାନେ ଭୟଭୀତ ଅବସ୍ଥାରେ ରହିଛନ୍ତି। ମିଳିଥିବା ସୂଚନା ଅନୁଯାୟୀ, ରବିବାର ପବନ ଜୋର୍‌ରେ ବହୁଥିବାବେଳେ ତୁହାକୁ ତୁହା ବର୍ଷା ହୋଇଥିଲା। ପ୍ରବଳ ବଜ୍ରପାତ ହେଉଥିବାବେଳେ ନିମାପଡ଼ା ବିଜ୍ଞପିତ ଅଞ୍ଚଳ ପରିଷଦ ଅମଲାପଡ଼ା କଲୋନୀରେ ବଜ୍ରପାତ ଘଟି ଏକ ନଡ଼ିଆ ଗଛ ଜଳିଯାଇଥିବା ବେଳେ ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ କରିଥିବାବେଳେ ଛାତ ଘରର କାନ୍ଥ ଫାଟି ଯାଇଛି। ଲଗାତାର ବଜ୍ରପାତ ଘଟିବାରୁ ଲୋକମାନେ ଭୟରେ ଥିବା ଜଣାପଡ଼ିଛି। ସେହିପରି ନୂହାରକିରି ଅଞ୍ଚଳରେ ଦୁଇଟି ନଡ଼ିଆ ଗଛ ଜଳିଯାଇଥିବା ବେଳେ ନିମାପଡ଼ା-ପିପିଲି ରାସ୍ତାର ନାଗବସ୍ତ ଛକ ନିକଟରେ ଗୋଟିଏ ଗଛ ଉପରେ ବଜ୍ରପାତ ପଡ଼ି ଗୋଟିଏ ଗଛ ଜଳିଯାଇଥିବା ଜଣାପଡ଼ିଛି।



## ନର୍ସିଂ ଅଧିକାରୀଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା



**ନିମାପଡ଼ା, ୫।୪(ସମିସ):** ନିମାପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ବରିଷ୍ଠ ନର୍ସ ଅଧିକାରୀ ସାଧନା ମହାପାତ୍ରଙ୍କ ଅବସରକାଳୀନ ସମ୍ବର୍ଦ୍ଧନା ସମାରୋହ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଚିକିତ୍ସା ଅଧିକାରୀ ଡା. ସୁବ୍ରତ ମହାପାତ୍ର, ସମାଜସେବୀ ମହେନ୍ଦ୍ର ସିଂହ ଭାଟିଆ, ଡା. ହୃଷୀକେଶ ମହାନ୍ତି, ଡା. ସୋହେଲ ଖାନ୍ ଏବଂ ଅନ୍ୟାନ୍ୟ କର୍ମଚାରୀ ଉପସ୍ଥିତ ଥିଲେ। ସାଧନା ପ୍ରଥମେ ୧୯୯୧ରେ ବୀରମିତ୍ରପୁରରେ କାର୍ଯ୍ୟ କରୁଥିଲେ। ପରେ ୧୯୯୪ରେ ନିମାପଡ଼ାକୁ ବଦଳି ହୋଇଥିଲେ। ସେବେଠାରୁ ତାଙ୍କର ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଦୃଢ଼ ପ୍ରତିବଦ୍ଧତା ରହିଛି। ସେ ଜଣେ ଅତ୍ୟନ୍ତ ଯତ୍ନବାନ ସ୍ୱାସ୍ଥ୍ୟ ସହାୟକ ଥିଲେ। ତାଙ୍କ ଅବସର ଉତ୍ସବରେ, ସାଧନାଙ୍କ ସହକର୍ମୀମାନେ ବହୁତ ଭାବପ୍ରବଣ ଭାଷଣ ଦେଇଥିଲେ। ବୈଠକରେ ଉପସ୍ଥିତ ଥିବା ଅନ୍ୟ ଲୋକମାନେ ତାଙ୍କୁ ପ୍ରଶଂସା କରିଥିଲେ ଏବଂ ମୁଖ୍ୟ ଚିକିତ୍ସା ଅଧିକାରୀ ଡା. ସୁବ୍ରତ ମହାପାତ୍ର ତାଙ୍କୁ ମାନ୍ୟପତ୍ର ପ୍ରଦାନ କରିଥିଲେ। ସେ ଅନ୍ୟ ନର୍ସ ଅଧିକାରୀଙ୍କୁ ସେମାନଙ୍କ ଶକ୍ତିକୁ ଚିହ୍ନିବା ଏବଂ ଅଧିକ ଗୌରବ ଆଣିବା ପାଇଁ ପ୍ରେରଣା ଦେଇଥିଲେ। ସାଧନାଙ୍କ ସହିତ ସ୍ୱାସ୍ଥ୍ୟ କେନ୍ଦ୍ରର ସମସ୍ତ ଡାକ୍ତର ଓ କର୍ମଚାରୀ ଏକ ଗ୍ରୁପ୍ ଫଟୋ ଉଠାଇବା ପରେ ପ୍ରହରାଜସାହିସ୍ଥିତ ତାଙ୍କ ଘରକୁ ପାଛୋଟି ନିଆଯାଇଥିଲା।

## ଆଳୁ ଓ ବିହନ ଉତ୍ପାଦନ ଆଲୋଚନାଚକ୍ର



**ସାକ୍ଷୀଗୋପାଳ, ୫।୪(ସମିସ):** ପୁରୀ ଜିଲ୍ଲା ଉଦ୍ୟାନ ଉପ ନିର୍ଦ୍ଦେଶକଙ୍କ କାର୍ଯ୍ୟାଳୟ, ସାକ୍ଷୀଗୋପାଳ ସମ୍ମିଳନୀ କକ୍ଷରେ ଆଳୁ ବିହନ ଉତ୍ପାଦନ ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ ଉଦ୍ୟାନ ବିଭାଗ ସହାୟତା କ୍ରମେ ଆନ୍ତର୍ଜାତିକ ଆଳୁ ଗବେଷଣା କେନ୍ଦ୍ର ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ଆଳୁଚାଷୀ, ଉଦ୍ୟାନ ବିଭାଗ ଅଧିକାରୀ, କୃଷକ ଉତ୍ପାଦକ ଗୋଷ୍ଠୀ, ଜିଲ୍ଲା କୃଷି ବିଜ୍ଞାନ କେନ୍ଦ୍ରର ବୈଜ୍ଞାନିକ ଓ ଆଳୁ ଗବେଷଣା କେନ୍ଦ୍ର ବୈଜ୍ଞାନିକ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ରବି ଋତୁରେ ଧାନଚାଷ ପରିବର୍ତ୍ତେ ଉନ୍ନତ କିସମର ଆଳୁଚାଷ କରି ଚାଷୀମାନେ ଅଧିକ ଲାଭବାନ ହେବାକୁ ଅଧିକାରୀମାନେ ଉପସ୍ଥିତ ଚାଷୀମାନଙ୍କୁ ପରାମର୍ଶ ଦେଇଥିଲେ। ବିହନ ଅମଳ, ବିକ୍ରି, ସଂରକ୍ଷଣ ସମ୍ପର୍କରେ ଆଲୋଚନା କରାଯାଇଥିଲା। ଗତବର୍ଷ ରବି ଋତୁରେ ଆଳୁଚାଷ କରି ସଫଳତା ହାସଲ କରିଥିବା ଚାଷୀମାନେ ସେମାନଙ୍କର ଅଭିଜ୍ଞତା ବାଣ୍ଟିଥିଲେ। ଉଦ୍ୟାନ ଉପନିର୍ଦ୍ଦେଶକ ମଞ୍ଜୁଳା ତ୍ରିପାଠୀ ଶୀତଳ ଭଣ୍ଡାର ନିର୍ମାଣ ପାଇଁ ସରକାରୀ ସହାୟତା ସମ୍ପର୍କରେ ସୂଚନା ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ବୈଜ୍ଞାନିକ ଡ. ଏଲିନା ଏଟିନୋ, ଡ. କଳ୍ପନା ଶର୍ମା, ଡ. ବିଷ୍ଣୁପଦ ଗିରି, ନବ କିଶୋର ପରିଡ଼ା, ବିଦ୍ୟାଧର ରାଉତ, ମୁଖ୍ୟ ଜିଲ୍ଲା କୃଷି ଅଧିକାରୀ ଚନ୍ଦ୍ରମୋହନ ଚାନ୍ଦ ପ୍ରମୁଖ ଯୋଗଦେଇ ଆଳୁ ବିହନ ଉତ୍ପାଦନ କରିବାକୁ ଚାଷୀମାନଙ୍କୁ ଆହ୍ୱାନ ଦେଇଥିଲେ।

### ବସନ୍ତପୁରରେ ଯୁବକଙ୍କୁ ସଂଘବଦ୍ଧ ଆକ୍ରମଣ ଓ ଲୁଟ୍‌ପାଟ୍ ଘଟଣା

## ବର୍ଷକ ପରେ ଫେରାର୍ ଅଭିଯୁକ୍ତ ଗିରଫ

**ଡେଲାଙ୍ଗ, ୫।୪(ସମିସ):** ବସନ୍ତପୁର ଗ୍ରାମରେ ଜଣେ ଯୁବକଙ୍କୁ ଆକ୍ରମଣ ଓ ଲୁଟ୍‌ପାଟ୍ ଘଟଣାର ୧ ବର୍ଷ ପରେ ଫେରାର୍ ଅଭିଯୁକ୍ତକୁ ଡେଲାଙ୍ଗ ପୁଲିସ ଗିରଫ କରିବାରେ ସଫଳ ହୋଇଛି। ଦୟା ନଦୀବନ୍ଧ କାମକୁ ନେଇ ୨୦୨୫ରେ ବସନ୍ତପୁର ଗ୍ରାମର ୨ ପରିବାର ମଧ୍ୟରେ ମାର୍‌ପିଟ୍ ହୋଇଥିଲା। ଗ୍ରାମର ଜୟକୃଷ୍ଣ ସ୍ୱାଇଁଙ୍କୁ ଆକ୍ରମଣ କରି ତାଙ୍କଠାରୁ ଶ୍ରମିକମାନଙ୍କୁ ଦେବାକୁ ଥିବା ଟଙ୍କା ଲୁଟି ନେଇଥିବା ଅଭିଯୋଗ ହୋଇଥିଲା। ସେବେଠାରୁ ପୁଲିସ କାହାରିକୁ ଗିରଫ କରିବାରେ ସଫଳ ହୋଇ ନ ଥିବାବେଳେ ଡେଲାଙ୍ଗ ଥାନା ଓଆଇସି ମମତା ବିଶ୍ୱାଳ ଜଣେ ଅଭିଯୁକ୍ତକୁ ଗିରଫ କରିବାରେ ସକ୍ଷମ ହୋଇଛନ୍ତି। ସେ ହେଲେ ତିରୁମଲ ଗ୍ରାମର ଅଶୋକ ପାତ୍ର (୪୮)।

ସୂଚନା ଥାଉକି, ଡେଲାଙ୍ଗ ଥାନା ଅଧୀନ ବସନ୍ତପୁର ଗ୍ରାମରେ ନଦୀବନ୍ଧ କାମକୁ କେନ୍ଦ୍ରକରି ୨୦୨୫ ଫେବୃଆରୀ ମାସରେ ଗ୍ରାମର ସ୍ୱାଇଁ ପରିବାର ଓ ମହାପାତ୍ର ପରିବାର ମଧ୍ୟରେ ଗଣ୍ଡଗୋଳ ମାର୍‌ପିଟ୍ ହୋଇଥିଲା। ଏନେଇ ଡେଲାଙ୍ଗ ପୁଲିସ ୨ଟି ମାମଲା ରୁଜୁ କରିଥିବାବେଳେ ଉଭୟ ପକ୍ଷରୁ ୫ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ପରେ ଗିରଫ ଅଭିଯୁକ୍ତମାନେ ଜାମିନରେ ଗାଁକୁ ଫେରିଥିଲେ। ୨୦୨୫ ମାର୍ଚ୍ଚ ୧୧ ତାରିଖରେ ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ବସନ୍ତପୁର ଗ୍ରାମର ଜୟକୃଷ୍ଣ ସ୍ୱାଇଁଙ୍କୁ ପୁନର୍ବାର ମରଣାନ୍ତକ ଆକ୍ରମଣ କରି କୁମୁଣ୍ଡାଳ ଗ୍ରାମ ନିକଟରେ ତାଙ୍କ ହାତ ଓ ଗୋଡ଼ ଭାଙ୍ଗି ରାସ୍ତାକଡ଼ରେ ଫିଙ୍ଗିଦେବା ସହିତ ତାଙ୍କଠାରୁ ଟଙ୍କା ଲୁଟିନେଇଥିବା ତାଙ୍କ ପତ୍ନୀ ଥାନାରେ ଅଭିଯୋଗ କରିଥିଲେ। ତେବେ ଅଭିଯୁକ୍ତ ଅଶୋକକୁ ପୁଲିସ ଗିରଫ କରି ପଚରାଉଚରା କରୁଥିବା ଜଣାପଡ଼ିଛି।

### ପୁରୀ ଜିଲ୍ଲା ଓ ସତ୍ୟବାଦୀ ବରିଷ୍ଠ ନାଗରିକ ମଞ୍ଚର ସ୍ୱତନ୍ତ୍ର ବୈଠକ

## ସଂଗଠନ ସଦସ୍ୟଙ୍କ ଆତ୍ମସମ୍ମାନ, ଦାୟିତ୍ୱବୋଧ ଓ ଆତ୍ମୀୟତା ରହିବା ଜରୁରୀ



**ସାକ୍ଷୀଗୋପାଳ, ୫।୪(ସମିସ):** ସତ୍ୟବାଦୀ ବ୍ଲକ ଅନ୍ତର୍ଗତ ମୂଳଅଳସା ପଞ୍ଚାୟତର ମୂଳଅଳସାଠାରେ ପୁରୀ ଜିଲ୍ଲା ଓ ସତ୍ୟବାଦୀ ବରିଷ୍ଠ ନାଗରିକ ମଞ୍ଚର ଏକ ସ୍ୱତନ୍ତ୍ର ଉତ୍ସବ ଅନୁଷ୍ଠିତ ହୋଇଥିଲା। ଉତ୍ସବରେ ଶତାଧିକ ୬୦ ବର୍ଷ ବୟସରୁ ଊର୍ଦ୍ଧ୍ୱ ପୁରୁଷ ଓ ମହିଳା ଯୋଗଦେଇଥିଲେ। ପୁରୀ ଜିଲ୍ଲା ମଞ୍ଚ ସଭାପତି ଡ. କାର୍ତ୍ତିକ ଦାଶ ଉତ୍ସବରେ ସଭାପତିତ୍ୱ କରିଥିଲେ। ୬୦ ବର୍ଷ ବୟସ ପରେ ବରିଷ୍ଠ ନାଗରିକମାନେ ଯେତେବେଳେ ନିଜକୁ ଅସହାୟ ମନେକରେ ସେତେବେଳେ ଏହିଭଳି ସଂଗଠନର ଆବଶ୍ୟକ ହୁଏ ଓ ସଂଗଠିତ ଭାବେ ବଞ୍ଚିବାକୁ ଇଚ୍ଛା ପ୍ରକାଶ କରେ। ଏହାକୁ ଲକ୍ଷ୍ୟ ରଖି ସଂଗଠନରେ ଥିବା ପ୍ରତ୍ୟେକ ସଦସ୍ୟଙ୍କ ମଧ୍ୟରେ ପରସ୍ପର ପ୍ରତି ଆତ୍ମସମ୍ମାନ, ଦାୟିତ୍ୱବୋଧ ଓ ଆତ୍ମୀୟତା ପ୍ରବୃତ୍ତି ରହିବା ଜରୁରୀ। ତେବେ ଯାଇ ସଂଗଠନର ଲକ୍ଷ୍ୟ ପୂରଣ ହେବା ସହ ଗୋଟିଏ ପରିବାର ଭଳି ଜୀବନ ଅତିବାହିତ କରିହେବ ବୋଲି ଜିଲ୍ଲା ସଭାପତି ଡ. ଦାଶ ପ୍ରକାଶ କରିଥିଲେ। ଏହି ଅବସରରେ ଉଭୟ ସଂଗଠନ ପକ୍ଷରୁ ଦୁଇ ପ୍ରମୁଖ ସଦସ୍ୟ ପୁରୀ ଜିଲ୍ଲା ପୂର୍ବତନ ଯୋଗାଣ ଅଧିକାରୀ ସନ୍ତୋଷ କୁମାର ମହାନ୍ତି ଓ ଭାରତୀୟ ସେନା ବାହିନୀର ଅବସରପ୍ରାପ୍ତ ଅଧିକାରୀ କିଶୋର ପଟ୍ଟନାୟକଙ୍କ ଜନ୍ମ ଉତ୍ସବକୁ ଉପସ୍ଥିତ ସଦସ୍ୟାସଦସ୍ୟା ପାଳନ ପୂର୍ବକ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଉଭୟଙ୍କ ସୁସ୍ଥ ଓ ନିରାମୟ ଜୀବନ କାମନା କରିବା ସହ ଉଭୟଙ୍କୁ ପୁଷ୍ପଗୁଚ୍ଛ ଦେଇ ଶୁଭେଚ୍ଛା ଜଣାଇଥିଲେ। ସତ୍ୟବାଦୀ ବରିଷ୍ଠ ନାଗରିକ ମଞ୍ଚ ସଭାପତି ଆଇନଜୀବୀ ଗୁଣ୍ଡିଚା ବରାଳ ବୈଠକରେ ସଂଗଠନର ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରିଥିଲେ। ଉଭୟ ସଂଗଠନ ପକ୍ଷରୁ ବିଭିନ୍ନ କାର୍ଯ୍ୟପନ୍ଥା ଉପରେ ଆଲୋଚନା କରାଯାଇଥିଲା। କାର୍ଯ୍ୟକ୍ରମରେ ମନୋରମା ପାଢ଼ୀ, ସୁଖମଣି ବରାଳ, ନିରୂପମା ବିଶ୍ୱାଳ, ସତ୍ୟବାଦୀ ଦାଶ, ଶରତ ସାହୁ, ବନମାଳୀ ପୃଷ୍ଟି, ଦେବେନ୍ଦ୍ର ତ୍ରିପାଠୀ ପ୍ରମୁଖଙ୍କ ସହ ଅନ୍ୟମାନେ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। ଶେଷରେ ଏକ କବିତାପାଠ ଉତ୍ସବରେ ଏହି ବରିଷ୍ଠ ନାଗରିକମାନେ ସ୍ୱରଚିତ କବିତାପାଠ କରିଥିଲେ।

## ବାବା ବିଶ୍ୱନାଥ କ୍ଲବ୍ ତରଫରୁ ଜଳଛତ୍ର



**ନିମାପଡ଼ା, ୫।୪(ସମିସ):** ନିମାପଡ଼ା ବ୍ଲକ ଅନ୍ତର୍ଗତ ସାଇଁଶ ଶାସନ ବିଶ୍ୱନାଥ କ୍ଲବ୍ ତରଫରୁ ପାନୀୟ ଜଳ ବଣ୍ଟନ କରାଯାଇଛି। ପ୍ରଚଣ୍ଡ ଖରାରେ ରାସ୍ତାରେ ଯାଆସ କରୁଥିବା ଯାତ୍ରୀମାନେ ପାଣି ଟୋପେ ପିଇବା ପାଇଁ ନାନା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବଳଙ୍ଗା ଖେଲାର ମୁଖ୍ୟ ରାସ୍ତା ଓ ହରିପୁର ଦଣ୍ଡିପୁର ମୁଖ୍ୟ ରାସ୍ତାକଡ଼ରେ କ୍ଲବ୍‌ର ସଦସ୍ୟ ରୁଦ୍ର ବରାଳ, କୃଷ୍ଣ ପ୍ରଧାନ, ସନ୍ତୋଷ ପ୍ରଧାନ, ପ୍ରଦୀପ ବରାଳ, ଅମିତ୍ ପ୍ରଧାନ, ଦିଲୁ ପ୍ରଧାନ, ମନୋଜ ପ୍ରଧାନ, ଦୀପକ ଜେନା, ଗଣେଶ ଜେନା, ଆଲୋକ ଜେନା ପ୍ରମୁଖ ଉପସ୍ଥିତ ରହି ଯାତ୍ରୀମାନଙ୍କୁ ପାନୀୟ ଜଳ ବଣ୍ଟନ କରିଥିଲେ। କ୍ଲବ୍‌ର ସଦସ୍ୟଙ୍କ ଜଳସେବା ପରି ଏଭଳି ମହାନ୍ କାର୍ଯ୍ୟ ପାଇଁ ବୁଦ୍ଧିଜୀବୀମାନେ ଉଚ୍ଚ ପ୍ରଶଂସା କରିଛନ୍ତି।

## ଜଳଖିଆ ଦୋକାନ ଓ ହୋଟେଲରେ ଖାଉଟି ବିଭାଗର ଚଢ଼ଉ

**କଣାସ, ୫।୪(ସମିସ):** ରନ୍ଧନ ଗ୍ୟାସ୍ ସାରା ରାଜ୍ୟରେ ଯୁଦ୍ଧ ପରିସ୍ଥିତ ଯୋଗୁଁ ଅଭାବ ଦେଖାଯିବା ସଙ୍ଗେ ସଙ୍ଗେ ବ୍ୟାପକ କଳାବଜାର ହେଉଛି। ଏନେଇ ଖାଉଟି ବିଭାଗ ଦୁଇ ଦିନ ହେଲା ଜଙ୍କିଆ ଓ କଣାସ ବଜାରର ଜଳଖିଆ ଦୋକାନ ଏବଂ ହୋଟେଲ ଉପରେ ଚଢ଼ଉ କରି ବହୁଳ ପରିମାଣର ଘରୋଇ ରନ୍ଧନ ଗ୍ୟାସ୍ ଟାଙ୍କି ଜବତ କରାଯାଇଛି। ଯାହାଦ୍ୱାରା କି ଦୁଇ ଦିନ ହେଲା ଦୁଇ ବଜାରରେ ଜଳଖିଆ ଦୋକାନ ଓ ହୋଟେଲ ବନ୍ଦ ରହିଥିବାରୁ ଜନସାଧାରଣ ଜଳଖିଆ ଓ ମିଲ୍ ଖାଇବାକୁ ପାଉନାହାନ୍ତି। ଫଳରେ ସେମାନେ ଅନେକ ଦୁର୍ଦ୍ଦଶା ଭୋଗୁଛନ୍ତି। ପୁନଶ୍ଚ ସରକାର ୫ ଲିଟରିଆ ଗ୍ୟାସ୍ ସିଲିଣ୍ଡର ବ୍ୟବହାର ନିଷିଦ୍ଧ କରିଥିବାରୁ ଗରିବ, ଦିନ ମଜୁରିଆ ଓ ହଷ୍ଟେଲରେ ରହୁଥିବା ଛାତ୍ରଛାତ୍ରୀମାନେ ରାନ୍ଧି ଖାଇବା ପାଇଁ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି।

## ଚତୁଃବିଂଶତମ ବାର୍ଷିକ ବିଶ୍ୱଶାନ୍ତି ଗୀତାଯଜ୍ଞ

**ବଳଙ୍ଗା, ୫।୪(ସମିସ):** ବଳଙ୍ଗା ଥାନା ଅନ୍ତର୍ଗତ ଉଚ୍ଛୁପୁର ପଞ୍ଚାୟତର ବ୍ରାହ୍ମଣଖଣ୍ଡି ଗ୍ରାମରେ ଚତୁଃବିଂଶତମ ବାର୍ଷିକ ବିଶ୍ୱଶାନ୍ତି ଗୀତାଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ପୁରୋଧା ପଣ୍ଡିତ ନୃସିଂହନାଥ ନନ୍ଦଙ୍କ ଦ୍ୱାରା ୪ଦିନ ଧରି ଏହି ଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ପ୍ରତ୍ୟହ ସୂର୍ଯ୍ୟପୂଜା, ଗୋ ପୂଜା, ସାଲା ପୂଜା, ପୁଷ୍ପାଞ୍ଜଳୀ, ବେଦପାଠ ଓ ଯଜ୍ଞ ସମ୍ପାଦନ ହୋଇଥିଲା। ରବିବାର ଯଜ୍ଞ ପୂର୍ଣ୍ଣାହୁତି ହୋଇ କଳସ ବିସର୍ଜନ କରାଯାଇଥିଲା। ଏହି କାର୍ଯ୍ୟକ୍ରମ ବ୍ରାହ୍ମଣଖଣ୍ଡି ଗ୍ରାମବାସୀଙ୍କ ଦ୍ୱାରା ସମ୍ପନ୍ନ ହୋଇଥିଲା।



## ସର୍ଟସର୍କିଟ୍ ଯୋଗୁଁ ଜଳିଗଲା ଦୁଇ ଦୋକାନ

**ନୟାହାଟ, ୫।୪(ସମିସ):** ବିଦ୍ୟୁତ୍ ସର୍ଟସର୍କିଟ ଯୋଗୁଁ ଦୁଇଟି ଦୋକାନ ଶନିବାର ବିଳମ୍ବିତ ରାତିରେ ଜଳି ପାଉଁଶ ହୋଇଯାଇଥିବା ଶାସନ ଛକରେ ଦେଖିବାକୁ ମିଳିଛି। ନୟାହାଟ ଫାଣ୍ଡି ଅନ୍ତର୍ଗତ ଦେଷ୍ଟଳି ପଞ୍ଚାୟତର ଶାସନ ଛକରେ ଥିବା କାଶିଆ ମଲ୍ଲିକଙ୍କ ଟିଭି ମରାମତି ଦୋକାନ ଓ ସୁଧୀର ରାଉତଙ୍କ ସେଲୁନ ପୋଡ଼ି ପାଉଁଶ ହୋଇଯାଇଛି। ପୋଡ଼ିଯାଇଥିବା ସମ୍ପତ୍ତିର ମୂଲ୍ୟ ୧ ଲକ୍ଷ ଟଙ୍କା ହେବ ବୋଲି ଅନୁମାନ କରାଯାଉଛି।



## ଗ୍ୟାସ୍ ସିଲିଣ୍ଡର ସମସ୍ୟା ସମାଧାନ ପାଇଁ କଣ୍ଟ୍ରୋଲ୍ ରୁମ୍

**ପୁରୀ, ୫।୪(ସମିସ):** ପୁରୀ ଜିଲ୍ଲାରେ ଆବଶ୍ୟକୀୟ ଗ୍ୟାସ୍ ସିଲିଣ୍ଡର ମହଜୁଦ ରହିଛି। ତେଣୁ ଜନସାଧାରଣ ଅଯଥା ଆତଙ୍କିତ ନ ହେବା କିମ୍ବା ଅଯଥା ଗ୍ୟାସ୍ ଡିଲର ପଏଣ୍ଟରେ ଭିଡ଼ ନ କରିବାକୁ ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡ଼ା ଅନୁରୋଧ କରିଛନ୍ତି। ସୋମବାର ଏ ସମ୍ପର୍କରେ ଆଭାସୀ ମାଧ୍ୟମରେ ଏକ ବୈଠକ ଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଜନସାଧାରଣଙ୍କୁ ସଠିକ୍ ଭାବେ ଗ୍ୟାସ୍ ଯୋଗାଣ ସହ ସରକାରୀ ଓ ବ୍ୟାବସାୟିକ ପ୍ରତିଷ୍ଠାନମାନଙ୍କୁ ଗ୍ୟାସ୍ ଯୋଗାଣ ସମ୍ପର୍କରେ ଜିଲ୍ଲାପାଳ ସମୀକ୍ଷା କରିବା ସହ ବିହିତ ପଦକ୍ଷେପ ପାଇଁ ମୁଖ୍ୟ ଯୋଗାଣ ଅଧିକାରୀ ଓ ଗ୍ୟାସ୍ ଡିଲରମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଜିଲ୍ଲାପାଳଙ୍କ ପରାମର୍ଶ କ୍ରମେ ଏ ସମ୍ପର୍କରେ କଣ୍ଟ୍ରୋଲ ରୁମ୍ ଖୋଲାଯାଇ ଲୋକଙ୍କ ସମସ୍ୟାକୁ ତୁରନ୍ତ ସମାଧାନ ପାଇଁ ବ୍ୟବସ୍ଥା କରାଯାଉଛି। ଯୋଗାଣ କାର୍ଯ୍ୟାଳୟ କଣ୍ଟ୍ରୋଲ ରୁମ୍ ନମ୍ବର ହେଉଛି ୦୬୭୫୨-୨୨୨୨୨୮ ଓ ଜିଲ୍ଲା କଣ୍ଟ୍ରୋଲ ରୁମ୍ ନମ୍ବର ହେଉଛି ୦୬୭୫୨-୨୨୩୨୩୭। ଏହି ବୈଠକରେ ଅତିରିକ୍ତ ଜିଲ୍ଲାପାଳ (ପ୍ରୋଟୋକଲ) ନୀଳମାଧବ ଭୋଇ, ମୁଖ୍ୟ ଯୋଗାଣ ଅଧିକାରୀ ସଞ୍ଜୀବ କୁମାର ସାହୁ, ଜିଲ୍ଲା ଶିକ୍ଷା ଅଧିକାରୀ ଦୀପକ କୁମାର ପାଢ଼ୀ, ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ ତନୁପ୍ରଭା ବେଉରା ପ୍ରମୁଖ ଯୋଗଦେଇଥିଲେ।

## ଶୁଖିଲା ପଡ଼ିଛି କେନାଲ; ଚାଷ କାର୍ଯ୍ୟ ବାଧାପ୍ରାପ୍ତ

**ବଳଙ୍ଗା, ୫।୪(ସମିସ):** ଉକ୍ତ ଥାନା ଅନ୍ତର୍ଗତ ଅଧିକାଂଶ ପଞ୍ଚାୟତରେ ଉତ୍କଟ ଜଳାଭାବ ଦେଖାଦେଇଛି। ଅଧିକାଂଶ ପୁଷ୍କରିଣୀ ଶୁଖିଯାଇଥିବା ବେଳେ ଜଳସ୍ତର ହ୍ରାସ ଯୋଗୁଁ ନଳକୂଅଗୁଡ଼ିକ ଅଚଳ ହୋଇ ପଡ଼ିଛି। ଜଳସେଚନ ଉଦ୍ଦିଷ୍ଟ ଉଠା ଜଳସେଚନ ପଏଣ୍ଟରେ ସ୍ୱଳ୍ପ ପାଣି ବାହାରୁଥିବାରୁ ଅନେକ ସମସ୍ୟା ଦେଖାଦେଇଛି। ଶାଇଁସ ଶାସନ, କୋଟକୁସାଙ୍ଗ ପ୍ରଭୃତି ପଞ୍ଚାୟତରେ ଧାନ ପାଚିବା ସମୟକୁ କେନାଲରେ ଜଳାଭାବ ଯୋଗୁଁ ଉତ୍ପାଦନ ହ୍ରାସ ଆଶଙ୍କା ଦେଖାଦେଇଛି। ଭାର୍ଗବୀ, ଧନୁଆ ନଦୀ ନାଳ ତଟବର୍ତ୍ତୀକୁ ବାଦ୍ ଦେଲେ ପ୍ରାୟତଃ ଅନ୍ୟ ସମସ୍ତ ଅଞ୍ଚଳରେ ପର୍ଯ୍ୟାପ୍ତ ପରିମାଣର ଚାଷ ହୋଇଥିବା ପୋଟଳ, ବାଇଗଣ, ଜହ୍ନି, କାକୁଡ଼ି, ଝୁଡ଼ଙ୍ଗ, କଦଳୀ, କଲରା ପ୍ରଭୃତି ପାଣି ଅଭାବ ଯୋଗୁଁ ମରିଯାଉଥିବାରୁ ଚାଷୀ ଚିନ୍ତିତ ହୋଇପଡ଼ିଛନ୍ତି। ବଳଙ୍ଗା, ସାତଶଙ୍ଖ, ଖେଲୋର, ଗବକୁଣ୍ଡ ପ୍ରଭୃତି ସାପ୍ତାହିକ ହାଟରେ ପନିପରିବା ଅଭାବ ଦେଖାଦେଇଛି। ଜଳାଭାବ ଯୋଗୁଁ ଗୋ-ସମ୍ପଦ କଷ୍ଟ ଭୋଗୁଛନ୍ତି। ଏଭଳି ସ୍ଥିତିରେ କେନାଲ ଜଳ ଏକମାତ୍ର ଭରସା। ଚନ୍ଦନପୁର ଏବଂ ନୂଆଗାଁ ମୁଖ୍ୟ କେନାଲରେ ଯଥାଶୀଘ୍ର ଜଳ ଯୋଗାଣ ନିମନ୍ତେ ଜିଲ୍ଲାପାଳ ଦୃଷ୍ଟି ଦେବାକୁ ପ୍ରବୋଧ ପ୍ରଧାନ, ପ୍ରଫୁଲ୍ଲ ପରିଡ଼ା, ଅଭିମନ୍ୟୁ ଓଝା, ଜଗନ୍ମେଶ୍ୱର ମିଶ୍ର ପ୍ରଭୃତି ଅନେକ ଚାଷୀ ଦାବି କରିଛନ୍ତି। ଏ ସମ୍ପର୍କରେ ଅବଗତ ଥିବା ଜଳସମ୍ପଦ ଉପଖଣ୍ଡ ଯନ୍ତ୍ରୀ ପ୍ରକାଶ କରିଛନ୍ତି।

**ପାଣି ବିନା ଲୋକେ କଲବଲ; କେନାଲରେ ଜଳ ଯୋଗାଣ ଦାବି**





## ଫୁଲବାରୀରେ ହନୁମାନଜୀଉଙ୍କ ମନ୍ଦିର ପ୍ରତିଷ୍ଠା



**କୃଷ୍ଣପ୍ରସାଦ, ୫।୪(ସମିସ):** ପୁରୀ ଜିଲ୍ଲା କୃଷ୍ଣପ୍ରସାଦ ବ୍ଲକ ଅନ୍ତର୍ଗତ ତିତିପ ପଞ୍ଚାୟତ ଫୁଲବାରୀ ଗ୍ରାମର ଆରାଧ୍ୟ ଠାକୁର ଶ୍ରୀଶ୍ରୀହନୁମାନଜୀଉଙ୍କ ନୂତନ ମନ୍ଦିର ଏବଂ ବିଗ୍ରହ ସହିତ ପ୍ରତିଷ୍ଠା ଉତ୍ସବ ଆରମ୍ଭ ହୋଇଛି। ଏନେଇ ଗ୍ରାମ ଗୁଣ୍ଡି ପୁଷ୍କରିଣୀରୁ ଶତାଧିକ ପୁରୁଷ ଓ ମହିଳା ସାମିଲ୍ ହୋଇ କଳସ ଶୋଭାଯାତ୍ରାରେ ଜଳ ଆଣି ଯଜ୍ଞସ୍ଥଳରେ ପହଞ୍ଚିଥିଲେ। ସମରକଳା ପାଇକ ଆଖଡ଼ା, ସଂକୀର୍ତ୍ତନ ଆଦି ପଟୁଆର ପରିବେଶରେ ଶୋଭାଯାତ୍ରା ଗ୍ରାମ ପରିକ୍ରମା କରିଥିଲେ। ଶନିବାର ପ୍ରତ୍ୟୁଷରୁ ପାରମ୍ପରିକ ରୀତିନୀତି ଅନୁଯାୟୀ, ୨୪ପ୍ରହର ନାମଯଜ୍ଞ, ଘୃତଯଜ୍ଞ, ଅନ୍ନଯଜ୍ଞ, ଜ୍ଞାନଯଜ୍ଞ ଆଦି ଆରମ୍ଭ ହୋଇଛି। ପ୍ରତିଷ୍ଠା ଉତ୍ସବ ଏବଂ ଯଜ୍ଞ କାର୍ଯ୍ୟ ପରିଚାଳନା ନିମନ୍ତେ ବିଭିନ୍ନ ଜିଲ୍ଲାରୁ ୧୦ ଜଣ ବିଦ୍ୱାନ ପଣ୍ଡିତ ନିୟୋଜିତ ହୋଇଛନ୍ତି। ଫୁଲବାରୀ ଗ୍ରାମ୍ୟ କମିଟି ସଭାପତି ପ୍ରମୋଦ କୁମାର ନାୟକ, ସମ୍ପାଦକ ଅଭିମନ୍ୟୁ ମାଝୀ, ଭ୍ରମରବର ଚାନ୍ଦ, ନିରଞ୍ଜନ ନାୟକ, ବିଦ୍ୟାଧର ପଲେଇ, ରାଜ କିଶୋର ଚାନ୍ଦ, ପ୍ରଭାତ ମାଝୀ ଉତ୍ସବକୁ ପରିଚାଳନା କରୁଥିବାବେଳେ ଫୁଲବାରୀ ଗ୍ରାମବାସୀ, ତିତିପ ଦୁଇ ସାହି ଗ୍ରାମବାସୀ, ଚଢ଼େୟା ଗ୍ରାମବାସୀ ଏବଂ ଗ୍ରାମ ଯୁବ ସଂଗଠନର ସଦସ୍ୟମାନେ ସହଯୋଗ କରୁଛନ୍ତି। ଦୀର୍ଘ ୪ ଦିନ ଧରି ଏହି ଉତ୍ସବ ଚାଲିବ ବୋଲି ଜଣାପଡ଼ିଛି। ଉତ୍ସବକୁ ସରସ ସୁନ୍ଦର କରିବା ପାଇଁ ଗ୍ରାମ୍ୟ କମିଟି କର୍ମକର୍ତ୍ତା ଏବଂ ଯୁବକ ସଂଘକୁ ବିଭିନ୍ନ ଦାୟିତ୍ୱ ବଣ୍ଟନ କରାଯାଇଛି। ଏ ଉପଲକ୍ଷେ ସ୍ଥାନୀୟ ଗ୍ରାମବାସୀଙ୍କ ମଧ୍ୟରେ ଉତ୍ସାହ ଓ ଉଦ୍ଦୀପନା ଦେଖିବାକୁ ମିଳିଛି।

# ଭାପୁର ବ୍ଲକରେ ୨୦୬ କୋଟିର ମହାଦୁର୍ନୀତି

# ଶାସକ ଦଳରେ ଅଭିଯୁକ୍ତ, ନଷ୍ଟ ହେଉଛି ଭାବମୂର୍ତ୍ତି



- ପୂର୍ବତନ ଅଧକ୍ଷାଙ୍କ ଦସ୍ତଖତ ଯାଞ୍ଚ କଲା ଇଓଡବ୍ଲ୍ୟୁ ଟିମ୍
- ପୂର୍ବରୁ ଦଣ୍ଡ ଗଣିଛନ୍ତି ବିଡିଓ, ଯନ୍ତ୍ରୀ, ସରପଞ୍ଚ, ଜିଆରଏସ୍
- ଚାକିରି ହରାଇଛନ୍ତି ୩, ଇସ୍ତଫା ଦେଇଛନ୍ତି ୩ ଜିଆରଏସ୍

ନୟାଗଡ଼,୫ ।୪(ସମିସ)

ନୟାଗଡ଼ ଜିଲ୍ଲା ଭାପୁର ବ୍ଲକରେ ୨୦୧୭ରୁ ୨୦୨୧ ମଧ୍ୟରେ ହୋଇଥିବା ମହାଦୁର୍ନୀତି ଯୋଗୁଁ ସାରା ରାଜ୍ୟରେ ଚର୍ଚ୍ଚିତ ହେବା ସହ ଭାପୁର ବ୍ଲକ ନିନ୍ଦିତ ମଧ ହୋଇଥିଲା । ଏବେ ସେହି ଦୁର୍ନୀତି ନେଇ ପୁନର୍ବାର ଇଓଡବ୍ଲ୍ୟୁ ଭାପୁର ବ୍ଲକରେ ଡେରା ପକାଇ ଫାଇଲ ଘାଣ୍ଟୁଥିବା ବେଳେ ଦୁର୍ନୀତିରେ ଜଡ଼ିତ ପ୍ରଶାସନିକ ଅଧିକାରୀ ଓ ରାଜନୈତିକ ବ୍ୟକ୍ତିଙ୍କ ନିଦ ହଜିଛି । ଦୁର୍ନୀତିର କଳାଦାଗ ଲିଭାଇବା ଓ ଏଥିରୁ ବର୍ତ୍ତିବା ପାଇଁ ଦାଗୀ ନେତାମାନେ ଶାସକ ଦଳକୁ ଡେଇଁ ପତିଆରା ଜମାଇଥିଲେ ହେଁ ଏହା ଶାସକ ଦଳକୁ କଣ୍ଟା ହୋଇଛି । ଏହା ଦ୍ୱାରା ଦଳର ଭାବମୂର୍ତ୍ତି ନଷ୍ଟ ହେବାରେ ଲାଗିଛି ।

ତତ୍କାଳୀନ ବ୍ଲକ ଅଧକ୍ଷା ଶାନ୍ତିଲତା ବେହେରାଙ୍କ ଦସ୍ତଖତ ଓ ଲେଟର ପ୍ୟାଡ୍କୁ ଜାଲିଆତି କରି ବ୍ଲକ ଉପାଧ୍ୟକ୍ଷ ଗୟାଧର ପରିଡ଼ା ଓ ତାଙ୍କ ଅନୁଗତମାନେ କୋଟି କୋଟି ଟଙ୍କାର ଫଲ୍ସ ବିଲ୍ କରିଥିଲେ । ଏ ନେଇ ଶାନ୍ତିଲତା ପରବର୍ତ୍ତୀ ସମୟରେ ଫତେଗଡ଼ ଥାନା, ନୟାଗଡ଼ ଜିଲ୍ଲାପାଳ ଓ ଏସପିଙ୍କୁ ଫେରାଦ ହୋଇଥିଲେ । ଜିଲ୍ଲାପାଳଙ୍କ ନିର୍ଦ୍ଦେଶରେ ତତ୍କାଳୀନ ଉପଜିଲ୍ଲାପାଳ (ବର୍ତ୍ତମାନ ଜିଲ୍ଲାର ମୁଖ୍ୟ ପ୍ରକଳ୍ପ ଅଧିକାରୀ) ଲଗ୍ନଜିତ ରାଉତ ଭାପୁର ବ୍ଲକ କାର୍ଯ୍ୟାଳୟକୁ ଆସି ତଦନ୍ତ କରି ଏହି ଦସ୍ତଖତ ଜାଲିଆତି ହୋଇଥିବା ଖାଲି ଆଖିରେ ଦେଖାଯାଉଛି ବୋଲି ଗଣମାଧ୍ୟମ ଆଗରେ କହିଥିଲେ । ପରେ ଜିଲ୍ଲା ପ୍ରଶାସନ ସ୍ୱତନ୍ତ୍ର ଅଡିଟ କରିବା ପରେ ଜାଲିଆତି ହୋଇଥିବା ସ୍ପଷ୍ଟ ହୋଇଥିଲା । ତେବେ ଏହି ଦୁର୍ନୀତିରେ ଆଖିଦୃଶିଆ




କାର୍ଯ୍ୟାନୁଷ୍ଠାନ ନିଆ ନ ଯିବାରୁ ୨୦୨୨ରେ ଶାନ୍ତିଲତା ଲୋକାୟୁକ୍ତଙ୍କ ଦ୍ୱାରସ୍ଥ ହୋଇଥିଲେ । ଏ ନେଇ ଲୋକାୟୁକ୍ତରେ ମାମଲା ରୁଜୁ ହୋଇଥିଲା । ଲୋକାୟୁକ୍ତଙ୍କ ଏକ ଚାରିଜଣିଆ ଟିମ ଭାପୁର ଆସି ଦୀର୍ଘ ତିନି ମାସ ଡେରା ପକାଇ ୧୦୪୦ ଫାଇଲ ତନଖି କରି ୫ ଶହ ପୃଷ୍ଠାର ତଦନ୍ତ ରିପୋର୍ଟ ପ୍ରଦାନ କରି ଏହା ୨୦୬ କୋଟିର ଦୁର୍ନୀତି ବୋଲି ଉଲ୍ଲେଖ କରିଥିଲେ । ପରବର୍ତ୍ତୀ ସମୟରେ ହାଇକୋର୍ଟଙ୍କ ନିର୍ଦ୍ଦେଶରେ ଇଓଡବ୍ଲ୍ୟୁ ମାମଲା ରୁଜୁ କରି ତଦନ୍ତ ଚାଲୁ ରଖିଛି । ବର୍ତ୍ତମାନ ତିନିଦିନ ହେଲା ଇଓଡବ୍ଲ୍ୟୁ ଡିଏସପି ନମିତା ସାହୁଙ୍କ ନେତୃତ୍ୱରେ ଜଣିଆ ଟିମ୍ ଭାପୁର ଆସି ତଦନ୍ତ କରୁଛନ୍ତି । ଆସନ୍ତା ୬ ତାରିଖ ପର୍ଯ୍ୟନ୍ତ ଏହି ତଦନ୍ତ ଜାରି ରହିବ ବୋଲି ସୂଚନା ମିଳିଛି । ଶନିବାର ଇଓଡବ୍ଲ୍ୟୁ ଟିମ୍ ଅଭିଯୋଗକାରୀ ପୂର୍ବତନ ବ୍ଲକ ଅଧକ୍ଷା ଶାନ୍ତିଲତାଙ୍କ ଘରେ ପହଞ୍ଚି ତାଙ୍କ ଦସ୍ତଖତ ଯାଞ୍ଚ କରିବା ସହ ଅନ୍ୟ ତଥ୍ୟ ବୁଝିଥିଲେ । ଏହା ସହ କେତେକ ବ୍ୟାଙ୍କ ଆକାଉଣ୍ଟ ମଧ ଯାଞ୍ଚ କରିଥିଲେ । ତଦନ୍ତ ସମୟରେ ବଡ଼ସହରା ପଞ୍ଚାୟତରେ ଗୋଟିଏ ରାସ୍ତାକୁ ୨୧ ଥର ବିଲ୍ କରିବା, ଶାସନ ପଞ୍ଚାୟତ ଖଇରି ନାଳରେ ପୋଖରୀ ଖୋଳି ବିଲ୍ କରିବା, ଭାପୁର ପଞ୍ଚାୟତ ଖଇରଗାଡ଼ିଆରେ ତିନିଟି ପ୍ରକଳ୍ପ ଆଦୌ ନ ହୋଇ ବିଲ୍ ହେବା, ବାଘୁଆପଲ୍ଲି ଓ ଫତେଗଡ଼ ମିଶନଶକ୍ତି ପୁରୁଣା ଘରକୁ ରଙ୍ଗ ମାରି ବିଲ୍ କରିବା, ବିଜିପୁର ପଞ୍ଚାୟତରେ ୩ କୋଟି ୧୮ ଲକ୍ଷ ହଡ଼ପ ନେଇ ପୂର୍ବତନ ସରପଞ୍ଚ କରିଥିବା ଅଭିଯୋଗ ଉପରେ ଯାଞ୍ଚ ହେଉଛି । ସେହିପରି ପଦ୍ମାବତୀ ପଞ୍ଚାୟତରେ ୯୮ ମୋ ପୋଖରୀ ଦୁର୍ନୀତି ସହ ଅନେକ କାର୍ଯ୍ୟର ତଦନ୍ତ ଆରମ୍ଭ କରି ଗୋଟିଏ ବଡ଼ ଟ୍ରଙ୍କ ଫାଇଲ ଜବତ ହୋଇଛି । ଏହି ସମୟରେ କେତେକ କାର୍ଯ୍ୟରେ ଦୁର୍ନୀତି ହୋଇଥିବା ଧରାପଡ଼ି ତତ୍କାଳୀନ ବିଡିଓ ସତ୍ୟସୁନ୍ଦର ରାଉତ ଓ ରଞ୍ଜିତା ସାହୁ, ସହକାରୀ ଯନ୍ତ୍ରୀ ବୈଷ୍ଣବ ପ୍ରସାଦ ରଥ, ଯନ୍ତ୍ରୀ ବୃନ୍ଦାବନ ବରିହା, ପ୍ରମୋଦ କୁମାର ସେଠୀ, ଅର୍ଦ୍ଧେନ୍ଦୁ ଶେଖର ଷଡ଼ଙ୍ଗୀ ଦଣ୍ଡ ଗଣି ସାରିଛନ୍ତି ।

ଏହି ଦୁର୍ନୀତି ମୁଖ୍ୟତଃ ମନରେଗା ଯୋଜନାରେ ହୋଇଥିଲା । ଦୁର୍ନୀତିର ମୁଖ୍ୟ କାର୍ପଟଦାର ସାଜିଥିବା ଭାପୁର, କରବର, ଫତେଗଡ଼, ବିଜିପୁର, ପଦ୍ମାବତୀ, ନିମାଣୀ ଓ ବାଉଁଶବାଟୀ ପଞ୍ଚାୟତର ଜିଆରଏସଙ୍କ ମଧ୍ୟରୁ


ସକାଳ
ବିଜିପୁରରେ ୩କୋଟିରୁ ଊର୍ଦ୍ଧ୍ୱ ଟଙ୍କା ବାଟମାରଣା
ମନରେଗା ମହାଦୁର୍ନୀତି


ସକାଳ
ଖଇରଗାଡ଼ିଆ ମନରେଗା ମହାଦୁର୍ନୀତି
୨୪ ଲକ୍ଷ ଟଙ୍କା ଭରଣା କରିବେ ଯନ୍ତ୍ରୀ ଓ ବିଡିଓ

ତିନି ଜଣଙ୍କୁ ଚାକିରିରୁ ବହିଷ୍କାର କରାଯାଇଥିବା ବେଳେ ତିନି ଜଣ ଚାକିରିରୁ ଇସ୍ତଫା ଦେଇ ପଳାଇଛନ୍ତି । ସେହିପରି ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ କୃଷ୍ଣଚନ୍ଦ୍ର କୁଅଁର, ସହକାରୀ ଯନ୍ତ୍ରୀ କାର୍ତ୍ତିକେଶ୍ୱର ପାଢ଼ୀ ଓ ଯନ୍ତ୍ରୀ ପ୍ରମୋଦ କୁମାର ସେଠୀଙ୍କୁ ଭିଜିଲାନ୍ସ କୋର୍ଟ ୩ ବର୍ଷ ଲେଖାଏଁ ଜେଲ ଦଣ୍ଡାଦେଶ ପ୍ରଦାନ କରିଥିଲେ । ବର୍ତ୍ତମାନ ଇଓଡବ୍ଲ୍ୟୁ ବ୍ଲକ ଉପାଧ୍ୟକ୍ଷଙ୍କ ସହାୟତା ମାଗିଥିବା ଜଣାପଡ଼ିଛି । କ୍ରାଇମବ୍ରାଞ୍ଚ ଓ ଇଓଡବ୍ଲ୍ୟୁ ବିଭାଗ ମୁଖ୍ୟମନ୍ତ୍ରୀଙ୍କ ଅଧୀନରେ ଥିବାବେଳେ ଦୁର୍ନୀତି ବିରୋଧରେ ଶୂନ୍ୟ ସହନଶୀଳତା ସ୍ଲୋଗାନ ଦେଉଥିବା ମୁଖ୍ୟମନ୍ତ୍ରୀଙ୍କ ଜାଣତରେ ଏହି ତଦନ୍ତ ପୁନର୍ବାର ଆରମ୍ଭ ହେବା ଖଣ୍ଡପଡ଼ା ବିଧାୟକ ଓ ତାଙ୍କ ଶରଣାପନ୍ନ ହୋଇ ଗେରୁଆ ଟୋପି ପିନ୍ଧିଥିବା ଦୁର୍ନୀତିଖୋର ରାଜନେତାଙ୍କ ପାଇଁ ଅଡୁଆ ପରିସ୍ଥିତି ସୃଷ୍ଟି କରିଛି ।

## ପଞ୍ଚାୟତ ନିର୍ବାଚନରେ ପଡ଼ିବ ପ୍ରଭାବ

ନୟାଗଡ଼,୫ ।୪(ସମିସ): ଭାପୁର ବ୍ଲକ ଦୁର୍ନୀତି ଘଟଣାରେ ଇଓଡବ୍ଲ୍ୟୁ ତଦନ୍ତ ଆରମ୍ଭ ହେବା ପରେ ପୁରୁଣା ଘା'ରେ ପୁଣି କ୍ଷତ ସୃଷ୍ଟି ହୋଇଛି । ଗତ ସାଧାରଣ ନିର୍ବାଚନରେ ଦୁର୍ନୀତି ଅଭିଯୁକ୍ତମାନେ ଭୟ କିମ୍ବା ଆଶଙ୍କାରେ ଶାସକ ଦଳରେ ମିଶିଥିଲେ । ଏବେ ଶାସକ ଦଳରେ ଥିବା ଏହି ନେତାଙ୍କ ପୁରୁଣା ଘା'ରେ ଇଓଡବ୍ଲ୍ୟୁ ପୁଣି କ୍ଷତ କରାଇ ଦେଇଛି । ଆଗାମୀ ପଞ୍ଚାୟତ ନିର୍ବାଚନକୁ ନେଇ ରଣନୀତି ପ୍ରସ୍ତୁତି ବେଳେ ଏହି ତଦନ୍ତ ଆରମ୍ଭ ହେବା କଟା ଘା' ଉପରେ ଲଙ୍କାଗୁଣ୍ଡ ଛିଞ୍ଚିବା ଭଳି ହୋଇଛି । ଶାସକ ଦଳ ଏହି ଦୁର୍ନୀତିଖୋର ନେତାଙ୍କୁ ପାଖରେ ରଖି ପଞ୍ଚାୟତ ନିର୍ବାଚନକୁ ଓହ୍ଲାଇଲେ ନିଶ୍ଚିତ ଭାବେ ଭାବମୂର୍ତ୍ତି କ୍ଷୁଣ୍ଣ ହେବ ବୋଲି ଭାପୁରବାସୀ ମତ ଦେଇଛନ୍ତି ।

## ଇଓଡବ୍ଲ୍ୟୁ ମାମଲାରେ ୩ ଅଭିଯୁକ୍ତ

ନୟାଗଡ଼,୫ ।୪(ସମିସ): ଭାପୁର ବ୍ଲକରେ ହୋଇଥିବା ଦୁର୍ନୀତି ଘଟଣାରେ ଉଚ୍ଚ ନ୍ୟାୟାଳୟ ନିର୍ଦ୍ଦେଶରେ ୨୦୨୫ ଅଗଷ୍ଟ ୮ରେ ରୁଜୁ ହୋଇଥିବା ମାମଲାରେ ୩ ଜଣଙ୍କୁ ଅଭିଯୁକ୍ତ ଦର୍ଶାଯାଇଛି । ପୂର୍ବତନ ବ୍ଲକ ଉପାଧ୍ୟକ୍ଷ ତଥା ଏବେକାର କଟକ ସାଂସଦଙ୍କ ପ୍ରତିନିଧି ବିଜିପୁର ଗ୍ରାମର ବାଞ୍ଛାନିଧି ପରିଡ଼ାଙ୍କ ପୁଅ ଗୟାଧର ପରିଡ଼ା ଏବଂ ତାଙ୍କ ସହଯୋଗୀ ଦୁବପଲ୍ଲୀ ଗ୍ରାମର କୃଷ୍ଣଚନ୍ଦ୍ର ପଣ୍ଡାଙ୍କ ପୁଅ ଜ୍ୟୋତିରଞ୍ଜନ ପଣ୍ଡା, ଝଗଡ଼ପଡ଼ା ଗ୍ରାମର ହଜାରୀ ସ୍ୱାଇଁଙ୍କ ପୁଅ ଯୋଗେନ୍ଦ୍ର କୁମାର ସ୍ୱାଇଁଙ୍କୁ ମୁଖ୍ୟ କାର୍ପଟଦାର ବୋଲି ଉଲ୍ଲେଖ କରାଯାଇଛି । ଏହି ଦୁର୍ନୀତି ମାମଲାରେ ବହୁ ସରକାରୀ କର୍ମଚାରୀଙ୍କ ପୃଷ୍ଠପୋଷକତା ରହିଥିବାରୁ ଆଗାମୀ ଦିନରେ ସମସ୍ତେ ଅଡୁଆରେ ପଡ଼ିପାରନ୍ତି ବୋଲି ଆଲୋଚନା ହେଉଛି ।

## ଗୋଟିଏ ରାସ୍ତାକୁ ୨୧ ଥର ଅନୁଦାନ

### ପ୍ରଥମେ ସାମ୍ନାକୁ ଆଣିଥିଲା 'ସକାଳ'


ଗୋଟିଏ ରାସ୍ତା ପାଇଁ ୨୧ ଥର ଅନୁଦାନ

ନୟାଗଡ଼,୫ ।୪(ସମିସ): ଭାପୁର ବ୍ଲକରେ ମହାଦୁର୍ନୀତି ଘଟଣା ନେଇ ଲୋକଙ୍କ ମନରେ ଚାପା ଗୁଞ୍ଜରଣ ସୃଷ୍ଟି ହୋଇଥିବା ବେଳେ ପ୍ରଥମେ 'ସକାଳ' ଗୋଟିଏ ରାସ୍ତାକୁ ୨୧ ଥର ଅନୁଦାନ ଘଟଣା ସାମ୍ନାକୁ ଆଣିଥିଲା । ଭାପୁର ବ୍ଲକ ବଡ଼ସହରା ପଞ୍ଚାୟତ ଗୋପାଳପ୍ରସାଦଠାରୁ ବାଇଗୁଣିଆକୁ ରାସ୍ତା ନିର୍ମାଣ ଆଳରେ ହୋଇଥିବା ଏହି ଅନିୟମିତତା ନେଇ ସକାଳରେ ୨୦୨୧ ମାର୍ଚ୍ଚ ୧୮ ତାରିଖ ପୁରୀ ସଂସ୍କରଣର ନୟାଗଡ଼ ଜିଲ୍ଲା ପୃଷ୍ଠାରେ ଏହି ଖବର ପ୍ରକାଶ ପାଇବା ପରେ ଜିଲ୍ଲାରେ ଆଲୋଡ଼ନ ସୃଷ୍ଟି ହୋଇଥିଲା । ଏହିଠାରୁ ଦୁର୍ନୀତି ପେଡ଼ି ଖୋଲିବା ଆରମ୍ଭ ହୋଇଥିଲା । ଭାପୁର ଲୋକଙ୍କ ମଧ୍ୟରେ ସାହସ ସୃଷ୍ଟି ହେବା ସହ ଗୋଟିଏ ପରେ ଗୋଟିଏ ଫଲ୍ସ ବିଲ୍ ଘଟଣା ସାମ୍ନାକୁ ଆସିଥିଲା । ଖଇରଗାଡ଼ିଆ ଗାଁରେ ୨୪ ଲକ୍ଷ ବାଟମାରଣା, ବିଜିପୁର ପଞ୍ଚାୟତରେ ୩ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ଫଲ୍ସ ବିଲ୍, ପଦ୍ମାବତୀ ମୋ ପୋଖରୀ ଫଲ୍ସ ବିଲ୍ ସାମ୍ନାକୁ ଆସିଥିଲା ।

## ଗୋଷ୍ଠୀ ବିବାଦ, ୨ ମାମଲା ରୁଜୁ

ଓଡ଼ଗାଁ,୫ ।୪(ସମିସ): ଓଡ଼ଗାଁ ଥାନା ବାହାଡ଼ାଝୋଲା ଫାଣ୍ଡି ବେରୁହାଁବାରୀ ଗାଁରେ ଜାତିଆଣ ଭେଦଭାବକୁ ନେଇ ୨ ଗୋଷ୍ଠୀ ମଧ୍ୟରେ ବିବାଦ ଯୋଗୁଁ ଉଭୟ ପକ୍ଷରୁ ଓଡ଼ଗାଁ ଆଦର୍ଶ ଥାନାରେ ଅଭିଯୋଗ ପରେ ୨ ମାମଲା ରୁଜୁ ହୋଇଛି । ୪ ଦିନ ପୂର୍ବେ ବେରୁହାଁବାରୀ ଗାଁ ପୋଖରୀ ତୁଠରେ ଜଣେ ବାଳକ ସ୍ନାନ କରୁଥିବା ବେଳେ ସେହି ଗ୍ରାମର ଜଣେ ବ୍ୟକ୍ତି ସେଠାରେ ଗାଧୋଇବା ପାଇଁ ବାଳକକୁ ମନା କରିଥିଲେ । ବାଳକ ଜଣକ ଏ ସମ୍ପର୍କରେ ଘରେ ସୂଚନା ଦେବା ପରେ ତାଙ୍କ ବାପା ପ୍ରକାଶ ନାୟକ ଏବଂ ମା' ଝିଲି ନାୟକ ତୁଠରେ ଗାଧୋଇବାକୁ ମନା କରିଥିବା ବ୍ୟକ୍ତିଙ୍କ ଘରକୁ ଯାଇ ପଚରାଉଚରା କରୁଥିବା ବେଳେ ଅଞ୍ଜଳି ସେଠୀ, ତାଙ୍କ ସ୍ୱାମୀ ସନ୍ତୋଷ ସେଠୀ ଏବଂ ପଡ଼ୋଶୀ ଭଗବାନ ସେଠୀ ତୁଠରେ ବାଳକର ଗାଧୁଆ ପାଧୁଆକୁ ବିରୋଧ କରିବା ଯୋଗୁଁ ଉଭୟ ପରିବାର ମଧ୍ୟରେ ବଚସାରୁ ଟଣାଓଟରା ହୋଇ ଗଣ୍ଡଗୋଳ ହୋଇଥିଲା । ଏ ନେଇ ଉଭୟ ପକ୍ଷ ଓଡ଼ଗାଁ ଥାନାରେ ଅଭିଯୋଗ କରିବା ପରେ ପୁଲିସ ଉଭୟ ପକ୍ଷର ୫ ଜଣଙ୍କ ନାମରେ ୨ଟି ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି ।

## ଛାତ୍ରଛାତ୍ରୀଙ୍କ ୭୨ ଟଙ୍କା ଖାଇଲା କିଏ?

ଭାପୁର,୫ ।୪(ସମିସ): ରାଜ୍ୟ ସରକାରଙ୍କ ଘୋଷଣା ପ୍ରବଳ କାମରେ ଦୁର୍ବଳ । ରାଜ୍ୟରେ କୁନି କୁନି ପିଲାଙ୍କୁ ପାଠ୍ୟାଭିମୁଖୀ କରାଇବା ପାଇଁ ସ୍କୁଲରେ ନାମ ଲେଖାଇ ନ ଥିବା ପିଲାଙ୍କୁ ୨୦୨୫-୨୬ରୁ ପ୍ରାଥମିକ ବିଦ୍ୟାଳୟରେ ଶିଶୁବାଟିକା ଶ୍ରେଣୀ ଖୋଲିଛନ୍ତି । ଏହି କୁନି ପିଲାମାନଙ୍କୁ ପ୍ରଥମ ଶ୍ରେଣୀ ଅଧ୍ୟୟନ ପୂର୍ବରୁ ଶିଶୁବାଟିକାରେ ନାମ ଲେଖାଇ ନାଚଗୀତ ସହ ପାଠପଢ଼ା ସହ ଅଭ୍ୟସ୍ତ କରାଇବା ଏହି କାର୍ଯ୍ୟକ୍ରମର ମୂଳ ଲକ୍ଷ୍ୟ । ଏହାକୁ ସାରା ରାଜ୍ୟରେ ଖୁବ ପ୍ରଶଂସା ମିଳିଥିଲା । ଏହି କୁନି ଛାତ୍ରଛାତ୍ରୀଙ୍କ ପୋଷାକ ପାଇଁ ରାଜ୍ୟ ସରକାର ୧ ହଜାର ଟଙ୍କା ଯୋଗାଇ ଦେବାକୁ ଘୋଷଣା କରିଛନ୍ତି । ଏହି ଟଙ୍କାରେ ଦୁଇ ହଳ ସ୍କୁଲ ଡ୍ରେସ, ହଳେ ଟ୍ରାକ ପ୍ୟାଣ୍ଟ, ଗୋଟିଏ ହଳ ଜୋତା, ଦୁଇହଳ ମୋଜା, ଗୋଟିଏ ଟୋପି ଓ ଗୋଟିଏ ପରିଚୟପତ୍ର ପ୍ରଦାନ କରାଯିବ । ମାତ୍ର, ଏହି ଶ୍ରେଣୀ ଖୋଲିବାର ୧୦ ମାସ ପରେ ବର୍ତ୍ତମାନ ଭାପୁର ବ୍ଲକରେ ଏକ ହଜାର ଟଙ୍କା ପରିବର୍ତ୍ତେ ଆସିଛି ଜଣ ପିଛା ୯୨୮ ଟଙ୍କା । ବର୍ତ୍ତମାନ ସୁଦ୍ଧା ୭୨ ଟଙ୍କା ଜଣକା କମ ଆସିଛି । ଏହି ଅର୍ଥ କେବେ ଆସିବ ନା ଆସିବ ନାହିଁ ତାହାର କୌଣସି ଖବର ନାହିଁ । କେତେକ ପ୍ରଧାନଶିକ୍ଷକ ଏହି ଅର୍ଥ ହାତରୁ ଦେଇ ଡ୍ରେସ କିଣିବେ ନା ଟୋପି ମୋଜା ପରେ ଦେବେ ସେ ନେଇ ଦ୍ୱନ୍ଦ୍ୱରେ ଅଛନ୍ତି । ଏ ବର୍ଷ ଶିଶୁବାଟିକା ପାଇଁ ନାମଲେଖା ଆରମ୍ଭ ହୋଇଥିଲା ବେଳେ ଗତବର୍ଷର ଟଙ୍କା ପୈଠ କରିବା ପାଇଁ ସରକାର ତ୍ୱରିତ ପଦକ୍ଷେପ ନେଇ ଅବଶିଷ୍ଟ ଅର୍ଥ ପୈଠ କରିବାକୁ ଅଭିଭାବକମାନେ ଦାବି କରିଛନ୍ତି ।

- ଶ୍ରୀରାମ ନବମୀ ଯାତ୍ରାର ୯ମ ସନ୍ଧ୍ୟା

## ଯୁଦ୍ଧଯାତ୍ରା ଦୃଶ୍ୟ ଓ ରାବଣ ପୋଡ଼ି ଦେଖିଲେ ଶ୍ରଦ୍ଧାଳୁ



ଓଡ଼ଗାଁ,୫ ।୪(ସମିସ): ଓଡ଼ଗାଁ ବିଜେ ପ୍ରଭୁ ଶ୍ରୀରଘୁନାଥଜୀଉଙ୍କ ପ୍ରସିଦ୍ଧ ଶ୍ରୀରାମ ନବମୀ ଯାତ୍ରାର ନବମ ସନ୍ଧ୍ୟା ଭକ୍ତିମୟ ପରିବେଶରେ ଆୟୋଜିତ ହୋଇଛି । ଏହି ଅବସରରେ ପ୍ରଭୁଙ୍କ ଯୁଦ୍ଧଯାତ୍ରା ଦୃଶ୍ୟ ଓ ରାବଣ ପୋଡ଼ି ଉତ୍ସବ ଦର୍ଶନ କରିବାକୁ ହଜାର ହଜାର ଶ୍ରଦ୍ଧାଳୁଙ୍କ ଭିଡ଼ ଲାଗିଥିଲା । ଯୁଦ୍ଧଯାତ୍ରା ଦୃଶ୍ୟରେ ପ୍ରଭୁ ଶ୍ରୀରାମ ଓ ଅନୁଜ ଲକ୍ଷ୍ମଣ ମାତା ସୀତାଙ୍କ ଉଦ୍ଧାର ପାଇଁ ଭକ୍ତରାଜ ହନୁମାନ ଓ ଯୁବରାଜ ଅଙ୍ଗଦଙ୍କ ସ୍କନ୍ଧରେ ବସି ଲଙ୍କା ଅଭିଯାନରେ ବାହାରିଥିବା ଚିତ୍ର ଅତ୍ୟନ୍ତ ଆକର୍ଷଣୀୟ ହୋଇଥିଲା । ଅଷ୍ଟ ସେନାଧକ୍ଷ ଅସ୍ତ୍ରଶସ୍ତ୍ରରେ ସଜ୍ଜିତ ହୋଇ ବାନର ସେନାଙ୍କ ସହ ଯୁଦ୍ଧ ଯାତ୍ରାରେ ସାମିଲ ହୋଇଥିଲେ । ପରେ ରାବଣ ବଧ ଓ ମାତା ସୀତାଙ୍କ ଉଦ୍ଧାର ସହ ବିଭୀଷଣଙ୍କୁ ଲଙ୍କାର ରାଜା ଭାବେ ଅଭିଷେକ କରାଯାଇଥିବା ଦୃଶ୍ୟ ଦର୍ଶକଙ୍କୁ ବିମୋହିତ କରିଥିଲା । ଆକାଶରେ ଦେବତା ଓ ଋଷିମୁନିଙ୍କ ଆନନ୍ଦ ଓ ପ୍ରଭୁ ଶ୍ରୀରାମଙ୍କ ଧୈର୍ଯ୍ୟର ପ୍ରଶଂସାର ଚିତ୍ରଣ ମଧ ଉପସ୍ଥାପିତ ହୋଇଥିଲା । ଓଡ଼ଗାଁ ରାବଣ ପୋଡ଼ି କମିଟି ଆନୁକୂଲ୍ୟରେ ସ୍ଥାନୀୟ ମହୋତ୍ସବ ପଡ଼ିଆରେ ୨୬ତମ ରାବଣ ପୋଡ଼ି ଉତ୍ସବ ଆୟୋଜିତ ହୋଇଥିଲା । ପ୍ରାୟ ୩୦ ଫୁଟ ଉଚ୍ଚ ରାବଣ ପ୍ରତିମୂର୍ତ୍ତିରେ ଅଗ୍ନି ସଂଯୋଗ ସହ ଆତସବାଜିର ଝଲକ ଦେଖିବାକୁ ମିଳିଥିଲା । ପ୍ରତିମୂର୍ତ୍ତି ଧ୍ୱଂସ ସହ ପାପ ଉପରେ ପୁଣ୍ୟ, ଅଧର୍ମ ଉପରେ ଧର୍ମ ଓ ଅଜ୍ଞାନ ଉପରେ ଜ୍ଞାନର ବିଜୟ ସନ୍ଦେଶ ପ୍ରଚାରିତ ହୋଇଥିଲା । ଏହି ଉତ୍ସବରେ ବିଶାଳ ସଂଖ୍ୟାରେ ଦର୍ଶକ ଯୋଗଦେଇ ଉତ୍ସାହର ସହ ଉପଭୋଗ କରିଥିଲେ । ଆସନ୍ତା ସୋମବାର ଯାତ୍ରାର ଅନ୍ତିମ ସନ୍ଧ୍ୟାରେ ପ୍ରଭୁଙ୍କ ରାଜ୍ୟାଭିଷେକ ବେଶ ଦର୍ଶନର ସୁଯୋଗ ଲଭିବେ ଦର୍ଶକ ।

## ସାହିତ୍ୟ ସମ୍ମିଳନୀ ଓ କବିତା ପାଠୋତ୍ସବ

ଭାପୁର,୫ ।୪(ସମିସ): ଭାପୁର ବ୍ଲକ ପ୍ରହ୍ଲାଦ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପଦ୍ମାବତୀଠାରେ ରବିବାର ବୈଶାଖୀ ସାରସ୍ୱତ ସାହିତ୍ୟ ସମ୍ମିଳନୀ ଓ କବିତା ପାଠୋତ୍ସବ ଆୟୋଜିତ ହୋଇଛି । ଶିକ୍ଷାବିତ ପ୍ରଫୁଲ୍ଲ କୁମାର ମହାନ୍ତିଙ୍କ ସଭାପତିତ୍ୱରେ ଆୟୋଜିତ ଏହି ବୌଦ୍ଧିକ କାର୍ଯ୍ୟକ୍ରମକୁ ଉଚ୍ଚ ନ୍ୟାୟାଳୟର ବରିଷ୍ଠ ଆଇନଜୀବୀ ଲକ୍ଷ୍ମୀଧର ପଢ଼ାରୀ ଉଦଘାଟନ କରିଥିଲେ । ମହାବିଦ୍ୟାଳୟ ଅଧ୍ୟକ୍ଷ ଫକିର ମୋହନ ସ୍ୱାଇଁ ଉଦବୋଧନ ଦେଇଥିବା ବେଳେ ମୁଖ୍ୟଅତିଥି ଭାବେ ଡ. ପବିତ୍ର କୁମାର ସୁବୁଦ୍ଧି ଯୋଗଦେଇ ସାରସ୍ୱତ ସାଧକଙ୍କୁ ସମାଜ ସଂସ୍କାର ପାଇଁ କଲମ ଚାଳନା କରିବାକୁ ଆହ୍ୱାନ ଦେଇଥିଲେ । ସମ୍ମିଳନୀକୁ କବୟିତ୍ରୀ ସବିତା ଶୁକ୍ଳ, ବନ୍ଦନା ସାସମଲ, ଶୁଭଲକ୍ଷ୍ମୀ ପ୍ରଧାନ ଓ ଶାନ୍ତିଲତା ସ୍ୱାଇଁ ସଂଯୋଜନା କରିଥିଲେ । ଏହି କବି ସମ୍ମିଳନୀରେ ନୟାଗଡ଼, ଖଣ୍ଡପଡ଼ା, ଭାପୁର, ବଡ଼ମ୍ବା, ନରସିଂହପୁର, ଟିଗିରିଆ, ବାଙ୍କୀ, ବୋଲଗଡ଼, ବେଗୁନିଆ ଅଞ୍ଚଳର ୮୦ରୁ ଊର୍ଦ୍ଧ୍ୱ କବି ଯୋଗଦେଇ ସ୍ୱରଚିତ କବିତା ପାଠ କରିଥିଲେ ।

## ଚୋରି ମାମଲାରେ ୨ ଗିରଫ



କଣ୍ଟିଲୋ,୫ ।୪(ସମିସ): ଶନିବାର ରାତିରେ ନୀଳମାଧବ ମନ୍ଦିର ଦକ୍ଷିଣ ଦ୍ୱାର ନିକଟରେ ଥିବା ଏକ ଗୋଦାମ ଗୃହରୁ ଘିଅ ଚୋରି ହୋଇଥିବା ନେଇ ଅଭିଯୋଗ ହୋଇଥିଲା । ରବିବାର କଣ୍ଟିଲୋ ଥାନା ପୁଲିସ ଏହି ଚୋରି ଘଟଣାରେ ସମ୍ପୃକ୍ତ ୨ଜଣଙ୍କୁ ଗିରଫ କରିଛି । ସେମାନେ ହେଲେ କଣ୍ଟିଲୋ ଫକୀର ଅର୍ଦ୍ଧବୁଦ୍ଧି ପାଟଣାର ରଜତ ଦଳେଇ (୨୬) ଓ ମାଧବ ଚୌଧୁରୀ ପାଟଣାର ବିଜୟ କୁମାର ସାହୁ (୩୯) । ଏମାନଙ୍କ ନିକଟରୁ ୧୫ କିଲୋ ଲେଖାଏଁ ୩ଟି ଘିଅଟିଣ ଜବତ ହୋଇଛି । ନୀଳମାଧବ ମନ୍ଦିର ପ୍ରସାଦ ପ୍ରସ୍ତୁତି ପାଇଁ ବ୍ୟବହାର ହେଉଥିବା ବିଭିନ୍ନ ରାସନ ମନ୍ଦିର ଦକ୍ଷିଣ ଦ୍ୱାରରେ ଏକ ଗୃହରେ ଗଚ୍ଛିତ ରଖାଯାଏ । ଶନିବାର ଉକ୍ତ ଗୋଦାମ ଗୃହରୁ ଘିଅ ସମେତ ବିଭିନ୍ନ ମୂଲ୍ୟବାନ ରାସନ ଚୋରି ହୋଇଥିବା ନେଇ ମନ୍ଦିର ସେବାୟତ ଦୀପକ କୁମାର ମିଶ୍ର କଣ୍ଟିଲୋ ଫାଣ୍ଡିରେ ଅଭିଯୋଗ କରିଥିଲେ । ଫାଣ୍ଡି ଅଧିକାରୀ ସ୍ୱାଗତ ଦାସ ତୁରନ୍ତ ସ୍ଥାନୀୟ ଅଞ୍ଚଳର ସିସିଟିଭି ଫୁଟେଜ ଯାଞ୍ଚ କରିବା ସହିତ ଅନୁସନ୍ଧାନ କରି ୨ଜଣଙ୍କୁ ଗିରଫ କରିଛନ୍ତି ।

## ବଜ୍ରପାତରେ ଛେଳି ଚରାଳି ମୃତ

ରଣପୁର,୫ ।୪(ସମିସ): ବିଲକୁ ଛେଳି ଚରାଇବାକୁ ଯାଇଥିବା ବେଳେ ଆକାଶରୁ ଖସିଲା ମୃତ୍ୟୁ । ଚାଲିଗଲା ଜୀବନ । ରଣପୁର ବ୍ଲକ୍ ଦର୍ପନାରାୟଣପୁର ପଞ୍ଚାୟତ ଲୁଣିସାହି ଗ୍ରାମରେ ଏଭଳି ଦୁଃଖଦ ଘଟଣା ଘଟିଛି ।

ବଜ୍ରପାତରେ ଜଣେ ଛେଳି ଚରାଳିଙ୍କ ମୃତ୍ୟୁ ହୋଇଛି । ମୃତକ ହେଲେ ରବୀନ୍ଦ୍ର ବେହେରା (୫୯) । ରବୀନ୍ଦ୍ର ଛେଳି ଚରାଇବାକୁ ଯାଇଥିବା ବେଳେ ହଠାତ୍ ବର୍ଷା ସହ ବଜ୍ରପାତ ହୋଇଥିଲା । ଏହି ସମୟରେ ରବୀନ୍ଦ୍ର ଏକ ଗଛ ମୂଳରେ ଆଶ୍ରୟ ନେଇଥିଲେ । ଉକ୍ତ ଗଛ ଉପରେ ବଜ୍ରପାତ ହେବାରୁ ରବୀନ୍ଦ୍ର ଗୁରୁତର ହୋଇପଡ଼ିଥିଲେ । ପରିବାର ଲୋକେ ତାଙ୍କୁ ଆମ୍ବୁଲାନ୍ସ ଯୋଗେ ରଣପୁର ଡାକ୍ତରଖାନା ନେଇଥିଲେ । ତେବେ ଡାକ୍ତର ରବୀନ୍ଦ୍ରଙ୍କୁ ମୃତ ଘୋଷଣା କରିଥିଲେ । ରଣପୁର ଥାନା ପୁଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହ ଏକ ଅପମୃତ୍ୟୁ ମାମଲା ରୁଜୁକରି ତଦନ୍ତ ଆରମ୍ଭ କରିଛି । ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ମୃତଦେହ ହସ୍ତାନ୍ତର କରାଯିବ ବୋଲି ପୁଲିସ କହିଛିଛ ତେବେ ରବୀନ୍ଦ୍ର ପରିବାରର ଏକମାତ୍ର ରୋଜଗାରକ୍ଷମ ବ୍ୟକ୍ତି ହୋଇଥିବାରୁ ତୁରନ୍ତ ପରିବାରକୁ ସରକାରୀ ସହାୟତା ଯୋଗାଇ ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି ।

## କିଆଝର ପ୍ୟାକ୍ସ ସଭାପତି ନିଲମ୍ବିତ

ଖଣ୍ଡପଡ଼ା,୫ ।୪(ସମିସ): ଖଣ୍ଡପଡ଼ା ବ୍ଲକ କିଆଝର ସେବା ସମବାୟ ସମିତି ସଭାପତିଙ୍କୁ ନିଲମ୍ବନ କରିଛନ୍ତି ନୟାଗଡ଼ ସମବାୟ ବିଭାଗ ଉପନିବନ୍ଧକ । ସେବା ସମବାୟ ସମିତି ସଭାପତି ଦେବରାଜ ସାହୁ ପରିଚାଳନା ପରିଷଦରେ ନିଆଯାଇଥିବା ନିଷ୍ପତ୍ତିକୁ ମାନୁ ନ ଥିବା ବେଳେ ଧାନମଣ୍ଡି ଟଙ୍କା ଉଠାଣ ସହ ଉନ୍ନତିମୂଳକ କାମ ହୋଇପାରୁ ନ ଥିବା ଲିଖିତ ଭାବେ ଅବଗତ କରାଯାଇଥିଲା ।

ଏଥିସହ ପରିଚାଳନା ପରିଷଦ ବୈଠକ ତଥା ଟଙ୍କା ଉଠାଣ ନିମନ୍ତେ ସଦସ୍ୟମାନେ କହିବାରୁ ସାହୁ ଫୋନ ଯୋଗେ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରୁଥିବା ମଧ ଅଭିଯୋଗ ହୋଇଥିଲା । ଏହାର ପ୍ରତିବାଦରେ ପରିଚାଳନା ପରିଷଦର ୧୧ ଜଣ ସଦସ୍ୟ ପୂର୍ବରୁ ଇସ୍ତଫା ଦେବା ସହ ଜିଲ୍ଲା ସମବାୟ ବିଭାଗ ଉପନିବନ୍ଧକଙ୍କୁ ବୋର୍ଡ ନିଷ୍କ୍ରିୟ କରିବାକୁ ଲିଖିତ ଦାବି ମଧ କରିଥିଲେ । ସାହୁଙ୍କ ମନମୁଖି କାରବାର ଯୋଗୁଁ ଚାଷୀ ଓ ସଦସ୍ୟଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇବା ପରେ ତାଙ୍କୁ ସଭାପତି ପଦରୁ ନିଲମ୍ବନ ପାଇଁ ଦାବି ହୋଇ ଆସୁଥିଲା । କର୍ତ୍ତବ୍ୟରେ ଅବହେଳା, ମନମୁଖି କାର୍ଯ୍ୟକଳାପ ଓ ଅନିୟମିତତା ପାଇଁ ନୟାଗଡ଼ ସମବାୟ ବିଭାଗ ଉପନିବନ୍ଧକ ଅନନ୍ତ କୁମାର ନାୟକ ସଭାପତି ଦାୟିତ୍ୱରେ ଥିବା ଦେବରାଜ ସାହୁଙ୍କୁ ନିଲମ୍ବନ କରିଥିବା ସୂଚନା ମିଳିଛି । ସାହୁଙ୍କ ନିଲମ୍ବନ ପରେ ସମଗ୍ର ଚାଷୀକୁଳ ଖୁସିବ୍ୟକ୍ତ କରିବା ସହ ବିଭାଗୀୟ ଅଧିକାରୀ ଓ ପ୍ରଶାସନକୁ କୃତଜ୍ଞତା ଜଣାଇଛନ୍ତି । ପୂର୍ବରୁ ବିବାଦୀୟ ହୋଇ ସାହୁଙ୍କ ପୁଅ ପିଅନ ପଦରୁ ମଧ ନିଲମ୍ବିତ ହୋଇଥିବା ଜଣାଯାଇଛି ।

## ଓଡ଼ିଆ ପକ୍ଷ ଅବସରରେ ଐତିହ୍ୟ ଗଣଦୌଡ଼



ନୟାଗଡ଼,୫ ।୪(ସମିସ): ଓଡ଼ିଶା ଦିବସଠାରୁ ଓଡ଼ିଆ ନବବର୍ଷ ପର୍ଯ୍ୟନ୍ତ ଓଡ଼ିଆ ପକ୍ଷ ପାଳନ ଉପଲକ୍ଷେ ରବିବାର ନୟାଗଡ଼ ଜିଲ୍ଲା ପ୍ରଶାସନ ପକ୍ଷରୁ ଐତିହ୍ୟ ଗଣଦୌଡ଼ ଆୟୋଜନ କରଯାଇଥିଲା । ଏଥିରେ ୫୦୦ରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀ, ଅଭିଭାବକ, ବରିଷ୍ଠ ନାଗରିକ, ସାମ୍ବାଦିକ ଏବଂ ସମାଜର ବିଭିନ୍ନ ବର୍ଗର ଜନସାଧାରଣ ସାମିଲ ହୋଇଥିଲେ । ଜିଲ୍ଲାପାଳ ମଧୁମିତା ରଥ, ଉପଜିଲ୍ଲାପାଳ କର୍ଣ୍ଣଦେବ ସମାଦାର, ଜିଲ୍ଲା ପରିଷଦ ସଭାପତି ଇଂ ଦେବାଶିଷ ପଟ୍ଟନାୟକ, ନୟାଗଡ଼ ପୌର ପରିଷଦ ଅଧକ୍ଷା ନିରୁପମା ଖଟେଇ ପ୍ରମୁଖ ଯୋଗଦେଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ । ଜିଲ୍ଲାପାଳ ରଥ କାର୍ଯ୍ୟକ୍ରମର ଆଭିମୁଖ୍ୟ ଏବଂ ଉଦ୍ଦେଶ୍ୟ ସମ୍ବନ୍ଧରେ ଆଲୋକପାତ କରିଥିଲେ । ଗଣଦୌଡ଼ ଜଗନ୍ନାଥ ମନ୍ଦିରରୁ ଆରମ୍ଭ ହୋଇ ପଠାଣି ସାମନ୍ତ ସଂସ୍କୃତି ଭବନରେ ସମାପନ ହୋଇଥିଲା । ଜିଲ୍ଲା କ୍ରୀଡ଼ା ଅଧିକାରୀ ସୁଜାତା ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

## ବାସୁଦେବପୁର ଗ୍ରାମରେ ତିନି ଶମ୍ଭୁଙ୍କ ମହାମିଳନ



ଖଣ୍ଡପଡ଼ା,୫ ।୪(ସମିସ): ଖଣ୍ଡପଡ଼ା ବ୍ଲକ ବନମାଳୀପୁର ପଞ୍ଚାୟତ ବାସୁଦେବପୁର ଗ୍ରାମରେ ତିନିଶମ୍ଭୁଙ୍କ ଦଣ୍ଡ ଶୋଭାଯାତ୍ରା ଅନୁଷ୍ଠିତ ହୋଇଛି । ପଞ୍ଚାୟତର ବାସୁଦେବପୁର, ବାହାଡ଼ା ଓ ଜାମୁସାହି ମୌଜାର ଶତାଧିକ ମାନସିକଧାରୀ ଦଣ୍ଡୁଆ ଶୋଭାଯାତ୍ରାରେ ସାମିଲ ହୋଇଥିଲେ । ଗ୍ରାମର ଆରାଧ୍ୟ ଠାକୁର ପ୍ରଭୁ ଶ୍ରୀ ଶ୍ରୀ କପିଳେଶ୍ୱରଙ୍କ କୋଠିରେ ଦଣ୍ଡ ପାରମ୍ପରିକ ଶୋଭାଯାତ୍ରାରେ ବିଭିନ୍ନ ସାହି ପରିକ୍ରମା ବେଳେ ଦୁଆରେ ଦୁଆରେ ପୂର୍ଣ୍ଣ କଳସ ରଖାଯାଇଥିଲା । ଏହି ମେଳଣ ସମୟରେ ବାଜାବାଣ, ଶଙ୍ଖଧ୍ୱନି, ଶିବ ମହାମନ୍ତ୍ରରେ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହେବା ସହ ଶ୍ରଦ୍ଧାଳୁମାନେ ଠାକୁରଙ୍କୁ ସ୍ୱାଗତ କରିଥିଲେ । ଗ୍ରାମର ଆରାଧ୍ୟ ଠାକୁର ପ୍ରଭୁ ଶ୍ରୀ ଶ୍ରୀ କପିଳେଶ୍ୱରଙ୍କ ମାନସିକ ବ୍ରତଧାରୀ ଦଣ୍ଡୁଆମାନେ ଗ୍ରାମ ପରିକ୍ରମା କରାଇଥିବା ବେଳେ ବିଭିନ୍ନ ସାହିରେ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହୋଇଥିଲା । ପାଟ ଦଣ୍ଡୁଆ ଓ ପାଟ ଭକତାଙ୍କ ଦ୍ୱାରା କାର୍ଯ୍ୟକ୍ରମ ପରିଚାଳନା ହୋଇଥିଲା ।

